# ଟେଣ୍ଡର ନୋଟିସ

ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ , ଭୁବନେଶ୍ୱର ପଥର କାରୁକାର୍ଯ୍ୟ ନିର୍ମିତ ଘୋଡା ଉପରେ ବସିଥିବା ସୈନିକ ୧ ଗୋଟା, ଜିରାଫ ୧ ଗୋଟା , ଐରାବତ ହାତୀ ୧ ଗୋଟା ଏବଂ ଠିଆ କିମ୍ବା ଶୋଇଥିବା ଓଟ ୧ ଗୋଟା ଓ ୧୧ ଗୋଟା [illegible] ଗାନ୍ଧୀ ପଦଯାତ୍ରା ମୂର୍ତ୍ତୀ ଆବଶ୍ୟକ କରୁଅଛି । ଏହି କାର୍ଯ୍ୟ ନିମନ୍ତେ ଜଉମୁଦ ଟେଣ୍ଡର ପତ୍ର ଆହ୍ୱାନ କରାଯାଉଅଛି । ଏହାର ସବିଶେଷ ବିବରଣୀ ( ଚିତ୍ରରେ ଦର୍ଶିତ) ମୂର୍ତ୍ତୀ ଗୁଡିକର ମାପ ଓ ସର୍ତ୍ତାବଳି ଓ ଟେଣ୍ଡର ପେପର ଏତ୍ୟାଦି ନିଗମର ୱେବସାଇଟ (www.utkalikaodisha.in) ରେ ଉପଲବଧ । ଆବେଦନ କରିବାର ଶେଷ ତାରିଖ ତା ୨[illegible].୦୨.୨୦୨୩ ରିଖ ଅପରାହ୍ନ ୫ ଘଣ୍ଟିକା ଅଟେ ।

ପରିଚାଳନା ନିର୍ଦ୍ଦେଶକ

୧୦.୨.୨୩

## ସାଧାରଣ ସୂଚନା

ଜଉମୁଦ ହୋଇଥିବା ଟେଣ୍ଡର ପତ୍ର ଗୁଡିକ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ , ରସୁଲଗଡ କାର୍ଯ୍ୟାଳୟଠାରେ ପ୍ରତ୍ୟେକ ଦିବସରେ ୧୦ ଘଟିକା ରୁ ୫ ଘଟିକା ମଧ୍ୟରେ (ଛୁଟିଦିନ ବ୍ୟତୀତ) ପଇଠ କରିପାରିବେ ଏବଂ ଡାକ ମାଧ୍ୟମରେ ପଠାଇବେ, ତେବେ ଏହା ତା ୨[illegible].୦୨.୨୦୨୩ ରିଖ ଅପରାହ୍ନ ୫ ଘଣ୍ଟିକା ମଧ୍ୟରେ ପରିଚାଳନା ନିର୍ଦ୍ଦେଶକ,ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ , ଡି – ୨/୩ ଏବଂ ୪ ଶିଳ୍ପାଞ୍ଚଳ ରସୁଲଗଡ , ଭୁବନେଶ୍ୱର ୭୫୧୦୧୦ ଠିକଣା ରେ ପହଞ୍ଚିବା ଆବଶ୍ୟକ । ଏହି ଟେଣ୍ଡର ପେପର ଗୁଡିକ ତା ୦୧..୦୩.୨୦୨୩ ରିଖ ପୂର୍ବାହ୍ନ ୧୧ ଘଣ୍ଟିକା ସମୟରେ କ୍ଷମତାପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ଗ୍ରହଣ କରିବାର ଧାର୍ଯ୍ୟ ଶେଷ ତାରିଖ ପରେ ଆଉ କୌଣସି ଟେଣ୍ଡର କାଗଜ ଗ୍ରହଣ କରାଯାଇପାରିବ ନାହିଁ । ଟେଣ୍ଡର ପେପର ଗୁଡିକ ୨ ଗୋଟି ଭାଗରେ ବିଭକ୍ତ କରାଯାଇଅଛି , ଯଥା (୧) ବୈଷୟିକ କାଗଜ ପତ୍ର ଏବଂ (୨) ଆର୍ଥିକ ସମ୍ବନ୍ଧୀୟ କାଗଜପତ୍ର । ଉଭୟ ଟେଣ୍ଡର ପତ୍ର କୁ ୨ ଗୋଟି ପୃଥକ ଲଫାଫା ମଧ୍ୟରେ ରଖି ଏହାକୁ ଆଉ ଏକ ବଡ ଲଫାଫା ମଧ୍ୟରେ ଭର୍ତ୍ତିକରି ଏକସଙ୍ଗେ ଜଉମୁଦ କରି ଦାଖଲ କରିବେ ।

## ଆବଶ୍ୟକ ନଥି ଟେଣ୍ଡର ପେପର ସହିତ ପଇଠ କରିବେ

୧. ଆବେଦନକାରୀ (କାରିଗର / ସଂସ୍ଥା) ନିଗମ ଦ୍ୱାରା ପଞ୍ଜୀକୃତ ହୋଇଥିବେ ଏବଂ ଜି.ଏସ.ଟି. ନମ୍ବର ଥିବା ଆବଶ୍ୟକ । ସେହି ପଞ୍ଜୀକୃତ ଓ ଜି.ଏସ.ଟି. ନମ୍ବର ଉଲ୍ଲେଖ କରିବା ଅତ୍ୟନ୍ତ ଜରୁରୀ ଅଟେ ।

୨. ଆବେଦନକାରୀ/ସଂସ୍ଥା ପୂର୍ବରୁ ଅତିକମରେ ୨୦ ଲକ୍ଷ ଟଙ୍କା ମୂଲ୍ୟର ମୂର୍ତ୍ତୀ ନିର୍ମାଣ ଓ ଯୋଗାଣର କାର୍ଯ୍ୟାଦେଶ ପାଇଥିବା ଓ କାର୍ଯ୍ୟ ଠିକ ସମୟରେ ସମ୍ପୂର୍ଣ୍ଣ କରିଥିବାର ଅବିକଳ ନକଲ ଦାଖଲ କରିବେ ।

୩. କାରିଗର/ସଂସ୍ଥାର ନିଜସ୍ୱ କର୍ମଶାଳା ଥିବ ଏବଂ ଏଥିରେ ଅତି କମରେ ୧୫ ଜଣ କାରିଗର କାର୍ଯ୍ୟ କରୁଥିବା ଆବଶ୍ୟକ ।

୪. ଟ. ୫୦,୦୦୦/- ଙ୍କା (ପଚାଶ ହଜାର ଟଙ୍କା) ଅମାନତ ର ଜାତୀୟ ପ୍ରମାଣପତ୍ର ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ ନାମରେ ରହିଥିବା ଅବଶ୍ୟକ । ଏହି ଅମାନତ ରାଶି ଚୟନ କାର୍ଯ୍ୟ ପରିଶେଷରେ ବିନା ସୁଧରେ ଫେରସ୍ତ ଦିଆଯିବ ।

୫. ଜମା କରୁଥିବା ସମସ୍ତ ଦସ୍ତାବିଜର ନକଲ ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଧିକାରୀ ଙ୍କ ସହି ମୋହର କରି ଦାଖଲ କରିବେ ।

୬. ସ୍ଥିରିକୃତ ଟେଣ୍ଡର ପେପରର ମୂଲ୍ୟ ଟ. ୧୦୦୦.୦୦ (ଏକ ହଜାର ଟଙ୍କା) ମାତ୍ର ଏବଂ ଏହା ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ନାମରେ ପ୍ରଦତ୍ତ କରାଯିବ ।

୭. ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ ର କୋଷାଧକ୍ଷ ଙ୍କ ପାଖରେ ଟେଣ୍ଡର ପେପର ମୂଲ୍ୟ ଜମା ଦେଇ ଏହି ରସିଦ ର ଏକ ନକଲ ଟେଣ୍ଡର ପେପର ସହିତ ଜମା କରିବେ ।

୮. ଚୟନ କମିଟି ଦ୍ୱାରା କୃତ ପତ୍ରଧାରୀ ଙ୍କର ଅମାନତ ରାଶି କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ରଖାଯିବ । ଯଦି କାର୍ଯ୍ୟ ମଧ୍ୟରେ ପତ୍ରଧାରୀ ( ନିଗମ ସହିତ) ହୋଇଥିବା ଚୁକ୍ତିପତ୍ରରେ ଖିଲାପ କରନ୍ତି, ତେବେ ତାଙ୍କର ଆମାନତ ରାଶି ହରାଇବେ । ଏହି ବାବଦରେ ପରିଚାଳନା ନିର୍ଦ୍ଦେଶକଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ ।

୯. କାରିଗର/ସଂସ୍ଥା ସେମାନଙ୍କର ପ୍ୟାନ କାର୍ଡ ଓ ଗତ ତିନି ବର୍ଷ ର ଆୟକର ପଇଠରର ନକଲ ପ୍ରଦାନ କରିବେ ।

୧୦. ଅସମ୍ପୂର୍ଣ ହୋଇଥିବା ଆବେଦନ ପତ୍ର ଓ ଟେଣ୍ଡରପତ୍ର ର ମୂଲ୍ୟ ଯୋଗ କରିନଥିବା ଆବେଦନପତ୍ରକୁ ଖାରଜ କରାଯିବ ।

୧୧. କୃତକାର୍ଯ୍ୟ ପତ୍ରଧାରୀ ପରିଚାଳନା ନିର୍ଦ୍ଦେଶକ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ ସହିତ ସମ୍ମତି ନ୍ୟାୟିକ ପତ୍ରରେ ସ୍ୱାକ୍ଷର କରିବା ପରେ , ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

୧୨. ନିଗମ ପରିଚାଳନା ନିର୍ଦ୍ଦେଶକ ଙ୍କ ତରଫରୁ ଲେଟର ଅଫ ଆୱାର୍ଡ ପ୍ରାପ୍ତ ହେବାର ୧୫ ଦିନ ମଧ୍ୟରେ ଏଯେନ୍ସି ଚୁକ୍ତି ନାମାର ୨% ସମାନ ପରିମାଣରେ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ କୁ ଏକ ସର୍ତ୍ତ ମୂଳକ, ଅପୂରଣୀୟ ତଥା କାର୍ଯ୍ୟ ଦକ୍ଷତା ସୁରକ୍ଷା ଜମା ଏକ ଅନୁସୂଚିତ ବ୍ୟାଙ୍କ ଜରିଆରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ କରିବେ । ତାହା କାର୍ଯ୍ୟାଦେଶର ଅବଧି ପୂର୍ଣ ହେବା ପର୍ଯ୍ୟନ୍ତ ବୈଧ ରହିବ । ଯଦି କାର୍ଯ୍ୟରେ ଚୁକ୍ତିନାମା ଅନୁଯାଇ ବିଳମ୍ବ ହୁଏ ତେବେ ଉକ୍ତ କାର୍ଯ୍ୟଦକ୍ଷତା ସୁରକ୍ଷା ଜମା ରାଶି କୁ ହରାଇବେ । ଏହି ବାବଦରେ ପରିଚାଳନା ନିର୍ଦ୍ଦେଶକଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ ।

୧୩. କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଯେକୌଣସି ଟେଣ୍ଡରକୁ ଗ୍ରହଣ ବା ଖାରଜ କରିବାର ଅଧିକାର ବଜାୟ ରଖିଛନ୍ତି ।

## ଟେଣ୍ଡର ର ନିବନ୍ଧନ

୧. ଟେଣ୍ଡର ଚୟନ କମିଟି ଦ୍ୱାରା ପ୍ରଥମ ଆବଶ୍ୟକୀୟ ଦସ୍ତାବିଜ ତନଖି କରି ସାରିଲା ପରେ ତାହା ଯଦି ଠିକ ଥାଏ ତେବେ ଦ୍ୱିତୀୟ ତଥା ଆର୍ଥିକ ଲଫାପା ଖୋଲାଯିବ ।

୨. ଯୋଗ୍ୟ ଟେଣ୍ଡର ପାଇଁ ଆବଶ୍ୟକୀୟ ହେଉଥିବା ରାଜିନାମାର ମୂଲ୍ୟ ସମ୍ପୃକ୍ତି କାରିଗର / ସଂସ୍ଥା ବହନ କରିବେ । ଏହା ସାତ ଦିନ ମଧ୍ୟରେ ସମ୍ପୂର୍ଣ ହେବା ଆବଶ୍ୟକ ଅଟେ ।

## ବୈଷୟିକ ପତ୍ର

୧. କାରିଗର/ ସଂସ୍ଥା ର ନାମ : ________________________________

୨. ଅମାନତ ରାଶିର ପୂର୍ଣ ବିବରଣୀ

| ପତ୍ର ସଂଖ୍ୟା | ତାରିଖ | ବ୍ୟାଙ୍କ ଓ ଶାଖା ର ନାମ |
|---|---|---|
| | | |

୩. ବର୍ତ୍ତମାନ ର ରହୁଥିବା ଠିକଣା ୪. ସ୍ଥାୟି ଠିକଣା

| | |
|---|---|
| | |
| | |
| | |

୫. ସ୍ବୀକୃତିପ୍ରାପ୍ତ କାର୍ଯ୍ୟାଳୟ ର ସମ୍ପୂର୍ଣ୍ଣ ଡାକ ଠିକଣା ପିନ କୋଡ ସହିତ

| | | | |
|---|---|---|---|
| | | | |
| | | | |
| ଦୁରାଭାସ ନମ୍ବର | | ଚଳମାନ ନମ୍ବର | |
| ବୈଦୁତିକପ୍ରତିଲିପି ନମ୍ବର | | ଇମେଲ ନମ୍ବର | |

୬. କାରିଗର/ ସଂସ୍ଥା ର ବିବରଣୀ

| କାରିଗର/ ସଂସ୍ଥାର ନାମ | ପଞ୍ଜୀକୃତ ସଂଖ୍ୟା ଓ ତାରିଖ | ନିୟୋଜିତ କରିଗରଙ୍କର ସଂଖ୍ୟା |
|---|---|---|
| | | |
| | | |

୭. ପ୍ୟାନ ନମ୍ବର ଏବଂ ଆୟକର ର ଶେଷ ରିଟର୍ନ ର ନକଲ

୮. କାର୍ଯ୍ୟ ର ବିବରଣୀ ଏହା ଅନ୍ୟ ଏକ ଫର୍ଦ ରେ ଯୋଗ କରିବେ

ତାରିଖ

ଟେଣ୍ଡର ଧାରୀ / କ୍ଷମତା ପ୍ରାପ୍ତ ଟେଣ୍ଡରଧାରୀ ଙ୍କ ପୂର୍ଣ୍ଣ ସ୍ବାକ୍ଷର

ସ୍ଥାନ

# ସଂଯୁକ୍ତ ପତ୍ର – ୨

## ନିୟନ୍ତ୍ରଣ ତାଲିକା

ବୈଷୟିକ ପତ୍ରର ଆବଶ୍ୟକ କାଗଜପତ୍ର

| କ୍ରମିକ ସଂଖ୍ୟା | କାଗଜପତ୍ରର ନାମ | ✓ ଚିହ୍ନ ମାରନ୍ତୁ |
|---|---|---|
| ୧. | ଟେଣ୍ଡର ଏବଂ ଟେଣ୍ଡର କାଗଜପତ୍ର | |
| ୨. | ବୈଷୟିକ ପତ୍ର | |
| ୩. | ଅଂଶଧାରୀ ବ୍ୟବସାୟ ର ଦଲିଲ/ ବା-ଇ-ଲ ଇତ୍ୟାଦି | |
| ୪. | ସଂସ୍ଥା ର ପଞ୍ଜୀକୃତ ନକଲ | |
| ୫. | କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ର ଚିଠି | |
| ୬. | ଅନୁଭୂତି ର ବିବରଣୀ | |
| ୭. | ଶେଷ ଆୟକର ରିଟର୍ନ ର ନକଲ ଏବଂ ପ୍ୟାନ ନମ୍ବର | |
| ୮. | ସତ୍ୟପାଠ ର ଅସଲି ନକଲ | |

ତାରିଖ

ଟେଣ୍ଡରଧାରୀ ଙ୍କ ଦସ୍ତଖତ / କ୍ଷମତାପ୍ରାପ୍ତ ଟେଣ୍ଡରଧାରୀ

ସ୍ଥାନ

ନାମ :-

ଦୁରାଭାସ ନମ୍ବର :- ୧.

୨.

ଇମେଲ ନମ୍ବର :-

## ସଂଯୁକ୍ତ ପତ୍ର – ୩

### ଘୋଷଣାପତ୍ର

୧. ମୁଁ ଶ୍ରୀ ........................................ପିତା........................................ ମାଲିକ/ ନିର୍ଦ୍ଦେଶକ/ ଅଂଶଧାରୀ ମେମ୍ବର ଟେଣ୍ଡର ର କାଗଜପତ୍ର ଓ ସମସ୍ତ ନିୟମାବଳୀ କୁ ସହଯୋଗ କରିବି ।

୨. ଟେଣ୍ଡରର ସମସ୍ତ ସର୍ତାବଳି ମୁଁ ପଢି ବୁଝିଅଛି , ତଦନୁସାରେ ମୁଁ ସମସ୍ତ ତଥ୍ୟଗୁଡିକୁ ମାନିବାକୁ ବାଧ୍ୟ ଅଟେ ।

୩. ମୁଁ ଦେଇଥିବା ସମସ୍ତ ନକଲପତ୍ର ଏବଂ ବିବରଣୀ ସତ୍ୟ ଅଟେ । ଯଦି ଏହା କୌଣଶି କାରଣରୁ ଭୁଲ ପ୍ରମାଣିତ ହୁଏ ତେବେ ମୋର ଟେଣ୍ଡର ଯେକୌଣଶି ସମୟରେ ନାକଚ କରାଯିବ ଏବଂ ଆଇନ ଅନୁଯାୟୀ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ତାରିଖ — ଟେଣ୍ଡରଧାରୀ ଙ୍କ ଦସ୍ତଖତ / କ୍ଷମତାପ୍ରାପ୍ତ ଟେଣ୍ଡରଧାରୀ

ସ୍ଥାନ — ନାମ :-

ଦୁରାଭାସ ନମ୍ବର :-

ଇମେଲ ନମ୍ବର :-

# ସଂଯୁକ୍ତ ପତ୍ର – ୪

## ଆର୍ଥିକ ପତ୍ର

ମୁଁ ଶ୍ରୀ ......................................................./ ସଂସ୍ଥା ........................................................
ଏତଦ୍ବାରା ଆପଣଙ୍କୁ ଜଣାଉଅଛିକି ଯେ ଉକ୍ତ ଟେଣ୍ଡର ରେ ଦିଆଯାଇଥିବା ମୂଲ୍ୟ ଓ ସର୍ତ୍ତାବଳି ମାନିବା ପାଇଁ ବାଧ ଅଟେ ଏବଂ ମୁଁ ଦେଇଥିବା ମୂଲ୍ୟ ସମ୍ପୂର୍ଣ୍ଣ ସତ୍ୟ ଅଟେ ଓ ଧାର୍ଯ୍ୟ ଦର ଠାରୁ ଅଧିକା ଦର ମୁଁ / ସଂସ୍ଥା ଦେଇ ନାହିଁ । ଏହି ମୂଲ୍ୟ ଜି.ଏସ.ଟି ଯୁକ୍ତ ନୁହେଁ ।

| ଟେଣ୍ଡରଧାରୀଙ୍କରପୂର୍ଣ୍ଣ ନାମ | କେଉଁଶ୍ରେଣୀର ସଂସ୍ଥା/କାରିଗର | ବ୍ୟବସାୟ କରୁଥିବା ସ୍ଥାନ | ବାର୍ଷିକ ଉତ୍ପାଦନ ର ମୂଲ୍ୟ |
|---|---|---|---|
| | | | |

ଟେଣ୍ଡରଧାରୀଙ୍କର ପୂର୍ଣ୍ଣ ସ୍ୱାକ୍ଷର

# ଆର୍ଥିକ ପତ୍ର

| କ୍ର ନ. | ମୂର୍ତ୍ତୀ ଗୁଡିକର ନାମ | ମାପ | ପରିମାଣ | କଳା ମୁଗୁନି ପଥର / ରାଜସ୍ଥାନ ସାହାଣପଥର/ ସାହାଣ ପଥର ର ମୂଲ୍ୟ | ଚିତ୍ରରେ ଦର୍ଶିତ ମୂର୍ତ୍ତୀ ତିଆରି ପାଇଁ ମଜୁରି | ଏହି ମୂର୍ତ୍ତୀର ସ୍ଥାପନ ଖର୍ଚ୍ଚ | ପରିବହନ ଖର୍ଚ୍ଚ ଯଦି କିଛି ଥାଏ ତାର ପରିମାଣ | ଜି.ଏସ.ଟି. ର ପରିମାଣ | ସମୁଦାୟ ମୂଲ୍ୟ | ମୂର୍ତ୍ତୀ ଯୋଗାଣର ଅବଧି |
|---|---|---|---|---|---|---|---|---|---|---|
| ୦୧. | କଳା ମୁଗୁନି ପଥର/ ରାଜସ୍ଥାନ ସାହାଣ ପଥର ନିର୍ମିତ ଜିରାଫ (ଚିତ୍ରରେ ପ୍ରଦର୍ଶିତ) | ୧୮ ଫୁଟ | ୦୧ | | | | | | | |
| ୦୨. | ସାହାଣ ପଥର/ ମୁଗୁନି ପଥର/ ରାଜସ୍ଥାନ ସାହାଣ ପଥର ନିର୍ମିତ ଐରାବତ ହସ୍ତୀ (ଚିତ୍ରରେ ପ୍ରଦର୍ଶିତ) | ୮ ଫୁଟ | ୦୧ | | | | | | | |
| ୦୩. | ରାଜସ୍ଥାନ ସାହାଣ ପଥର ନିର୍ମିତ ମହାତ୍ମାଗାନ୍ଧୀ ପଦଯାତ୍ରା (ଚିତ୍ରରେ ପ୍ରଦର୍ଶିତ) | ୧୦ ଫୁଟ ରୁ ୧୨ ଫୁଟ ଉଚ୍ଚତା କ୍ରମାନ୍ୱୟରେ | ୧୧ | | | | | | | |
| ୦୪. | ସାହାଣ ପଥର/ ମୁଗୁନି ପଥର/ ରାଜସ୍ଥାନ ସାହାଣ ପଥର ନିର୍ମିତ ଶୋଇଥିବା ଓ ଠିଆ ହୋଇଥିବା ଓଟ(ଚିତ୍ରରେ ପ୍ରଦର୍ଶିତ) | ୧୮ ଫୁଟ ଉଚ୍ଚତା | ୧ | | | | | | | |
| ୦୫. | କଳା ମୁଗୁନି ପଥର ନିର୍ମିତ ଘୋଡା ଉପରେ ବସିଥିବା ସୈନିକ ((ଚିତ୍ରରେ ପ୍ରଦର୍ଶିତ) | ୧୪ ରୁ ୧୫ ଫୁଟ ଉଚ୍ଚତା | ୧ | | | | | | | |

ଟେଣ୍ଡରଧାରୀଙ୍କ ପୂର୍ଣ୍ଣ ସ୍ୱାକ୍ଷର



(C)









Dreamstime



64,345 Giraffe Stock Photos - Free & Royalty-Free Stock...

Visit

Images may be subject to copyright. Learn More

splash



500+ Giraffe Pictures [HD] | Download Free Images on...

Visit

Images may be subject to copyright. **Learn More**